# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**31 July – 2025**

## ପୁରାତନ ମନ୍ଦିର-ମାର୍ଗଦର୍ଶିକା

ରାଜ୍ୟରେ ଥିବା ପୁରାତନ ମନ୍ଦିର ଗୁଡ଼ିକର ପରିଚାଳନା ଓ ଶୃଙ୍ଖଳିତ ରୀତିନୀତି ନେଇ ମାର୍ଗଦର୍ଶିକା ଜାରି କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ପୁରାତନ ମନ୍ଦିର ଗୁଡ଼ିକର ଉନ୍ନତିକରଣ ଓ ସଂରକ୍ଷଣକୁ ଗୁରୁତ୍ୱ ଦିଆଯିବ । ଦେବୋତ୍ତର ବିଭାଗ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରି ପୁରାତନ ମନ୍ଦିର ଗୁଡ଼ିକର ସ୍ଥିତି ସଂପର୍କରେ ଅନୁଧ୍ୟାନ କରିବେ । ବୈଠକରେ ହିନ୍ଦୁଧାର୍ମିକ ଅନୁଷ୍ଠାନ ଗୁଡ଼ିକର ସୁପରିଚାଳନା ନେଇ ଆଲୋଚନା ହୋଇଥିଲା ।

## ମାଛ କ୍ଷୀର- ଆତ୍ମନିର୍ଭରଶୀଳ

ମାଛ, କ୍ଷୀର ଓ ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ନିଷ୍ଠାପର ଉଦ୍ୟମ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର କୃଷି ଭବନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ୨୦୩୬ ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ସହ ବିଦେଶକୁ ଅଧିକ ରପ୍ତାନୀ କରି ଆର୍ଥିକ ଭାବେ ସଶକ୍ତ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

V/O

ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧ କୋଟି ୫୦ଲକ୍ଷ ପ୍ରାଣୀଙ୍କ ଚିକିତ୍ସା କରାଯାଇଥିବା ବେଳେ ୫ କୋଟିରୁ ଅଧିକ ଟିକାକରଣ କରାଯାଇଥିବା ସୂଚନା ମିଳିଛି ।

## ପିଏମ୍ କିଷାନ

ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୨ ତାରିଖ ଶନିବାର ଦିନ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରାଯିବ। ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର-ଡିବିଟି ମାଧ୍ୟମରେ ୨୦୦୦ ଟଙ୍କା ଲେଖାଏଁ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହେବ। ଉତ୍ତରପ୍ରଦେଶ ବାରଣାସୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୦ ହଜାର ୫୦୦ କୋଟି ଟଙ୍କା ପଠାଇବେ।

## ସି ବକ୍ସ ପୋର୍ଟାଲ

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ମହାବିଦ୍ୟାଳୟ ଗୁଡ଼ିକର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଥ୍ୟ ସି ବକ୍ସ ପୋର୍ଟାଲ୍‌ରେ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଯୁଗ୍ମ ସଚିବ ଏ ନେଇ ସମସ୍ତ ମହାବିଦ୍ୟାଳୟକୁ ଅବଗତ କରାଇଛନ୍ତି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ସି ବକ୍ସ ପୋର୍ଟାଲରେ ଆସନ୍ତାକାଲି ସୁଦ୍ଧା ସମସ୍ତ ତଥ୍ୟ ଅପ୍‌ଲୋଡ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

## ମୁଖ୍ୟଶାସନ ସଚିବ-ସାମ୍ବାଦିକଙ୍କ ସମସ୍ୟା

ରାଜ୍ୟରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବରିଷ୍ଠ ସାମ୍ବାଦିକମାନଙ୍କ ସହ ଆଲୋଚନା

କରିଛନ୍ତି । ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ ଆହୁଜା କହିଛନ୍ତି । ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯେଉଁ ଦାବି ଉପସ୍ଥାପନ କରିଛନ୍ତି, ସେ ସଂପର୍କରେ ଅଧିକ ବିଚାରବିମର୍ଶ ପୂର୍ବକ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ଆଇପିଏସ୍

ଓଡ଼ିଶା କ୍ୟାଡରର ୨ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ କେନ୍ଦ୍ର ଅଧୀନରେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି । ୧୯୯୩ ବ୍ୟାଚ୍‌ର ଅଧିକାରୀ ଆର୍.ପି. କୋଚେ ଏବଂ ୧୯୯୪ ବ୍ୟାଚ୍‌ର ଅଧିକାରୀ ଯଶୋବନ୍ତ କୁମାର ଜେଠୱା କେନ୍ଦ୍ରକୁ ଯିବେ ବୋଲି ଜଣାପଡ଼ିଛି । ଶ୍ରୀ କୋଚେ ଗୁଇନ୍ଦା ନିର୍ଦ୍ଦେଶକ ଓ ଶ୍ରୀ ଜେଠୱା ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଏବେ କାର୍ଯ୍ୟ କରୁଛନ୍ତି ।

## ବନ୍ଦେ ଭାରତ ଏକ୍ସପ୍ରେସ୍

ଯାତ୍ରୀ ବୃଦ୍ଧିକୁ ଦୃଷ୍ଟିରେ ରଖି ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ କୋଚ୍ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । ଏଣିକି ୮ଟି କୋଚ୍ ବଦଳରେ ୧୬ଟି କୋଚ୍ ସଂଯୋଗ କରାଯାଇଛି । ସେଥିମଧ୍ୟରେ ୧୨ଟି ଏ.ସି. ଚେୟାର କାର୍ ଓ ୨ଟି ଲେଖାଏଁ ଏକ୍‌ଜିକ୍ୟୁଟିଭ୍ ଏବଂ କ୍ରିଉ ଚେୟାର କାର୍ ରହିବ । ସୂଚନା ଅନୁଯାୟୀ ପୁରୀ-ରାଉରକେଲା ବନ୍ଦେଭାରତ ଏକ୍ସପ୍ରେସ୍ ୧୧୦ ପ୍ରତିଶତରୁ ଅଧିକ କ୍ଷମତାରେ ଚଳାଚଳ କରୁଥିବା ବେଳେ ଏହାର ୧୨୭ ପ୍ରତିଶତରୁ ଅଧିକ ଯାତ୍ରୀ ଚାହିଦା ରହିଥିବା ଜଣାପଡ଼ିଛି ।

## ଏକ୍ ପେଡ୍ ମା କେ ନାମ୍

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ ବାଲେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଏକ୍ ପେଡ୍ ମା’ କେ ନାମ୍ ଓ ଜଳ ସଂଚୟ ଉପରେ ଜନସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ବାଙ୍ଗରାସ୍ଥିତ ନୀଳକଣ୍ଠେସ୍ୱର ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଚାରା ରୋପଣ କରିଥିଲେ । ସେ ମଧ୍ୟ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ବିଶିଷ୍ଟ ପରିବେଶବିତ୍ ପ୍ରଭାତ କୁମାର ପରିଡ଼ା ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ପ୍ରିୟଦର୍ଶିନୀ ମିଶ୍ର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ।

ସେହିପରି ସମ୍ବଲପୁର କ୍ଷେତ୍ରୀୟ ଶାଖା ତରଫରୁ ମାନ୍ଧାତା ବାବା ଉଚ୍ଚତର ବିଦ୍ୟାଳୟରେ ଏକ୍ ପେଡ୍ ମା କେ ନାମ୍, ଜଳସଂଚୟ ଓ ଜନଭାଗିଦାରୀ ସଂପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ବୈଠକ

୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାଳିକାମାନଙ୍କ ସୁରକ୍ଷା, ମହିଳା କର୍ମଚାରୀଙ୍କ ନିରାପତ୍ତା, ମା’ ପାଇଁ ଗଛଟିଏ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇ ଆଲୋଚନା କରାଯାଇଛି ।

# ଉଷା ପାଢ଼ୀ-ଜଗତସିଂହପୁର ଗସ୍ତ

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯାଇ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପୁରଠାରେ ବୟନ ଗ୍ରାମ ଓ ଅମୃତା ଡାଏରୀ ଫାର୍ମ ପରିଦର୍ଶନ କରିଛନ୍ତି । ସେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ କାରିଗରମାନଙ୍କ ସହ ଆଲୋଚନା କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଛନ୍ତି । ଆଜି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶ୍ରୀମତୀ ପାଢ଼ୀ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟାଯାଏଁ ୨୦ଟି ଜିଲ୍ଲାକୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

ହୀରାକୁଦ ଜଳଭଣ୍ଡାରରେ ସକାଳ ୬ଟା ସୁଦ୍ଧା ଜଳସ୍ତର ୬୧୦ ଦଶମିକ ୭/୯ ଫୁଟ ରହିଥିଲା । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୯୩  ହଜାର ୭୨୯ ଘନଫୁଟ ଜଳ ପ୍ରବେଶ କରୁଛି । ସେହି ସମୟ ମଧ୍ୟରେ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୧୮ ହଜାର ୧୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।